

ତମେ ଆସୁଚ ବୋଲି



ଶିଳ୍ପୀ : ସ୍ନେହ ସାଗର ସାବତ : ସୃଜନିକା : ବ୍ରହ୍ମପୁର

# ତମେ ଆସୁଛ ବୋଲି

ଡକ୍ଟର ବିଧୁପ୍ରଭା ରଥ

ପୃଥ୍ୱୀପନ୍ଥା ପ୍ରକାଶନୀ

# ତମେ ଆସୁଚବୋଲି

ଡକ୍ଟର ବିଧୁପ୍ରଭା ରଥ

ପ୍ରକାଶକ : **ପୃଥ୍ୱୀପନ୍ନା ପ୍ରକାଶନୀ,**
ଇନ୍ଦିରା ନଗର, ୨ୟ ସରଣୀ (ଶିକ୍ଷାଞ୍ଚଳ),
ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା
ପ୍ରଥମ ପ୍ରକାଶ : ଜାନୁୟାରୀ, ୨୦୧୩
(ପୃଥ୍ୱୀକ ମିଶ୍ରଙ୍କଦ୍ୱାରା ସର୍ବସତ୍ତ୍ୱ ସଂରକ୍ଷିତ)
ଅକ୍ଷର ସଜ୍ଜା : ଭଗବାନ ମହାରଣା
କମ୍ପ୍ୟୁଟର ସଲ୍ୟୁସନ, ବ୍ରହ୍ମପୁର
ମୂଲ୍ୟ : ୫୦/-
ମୁଦ୍ରଣ : ସୃଜନିକା, ବାଲାଜୀପେଣ୍ଠ ସାହି, ବ୍ରହ୍ମପୁର
ମୋ. : ୯୮୬୧୧୬୭୬୦୮

## TAME ASUCHABOLI

(Romantic Poems)

by *Dr. Bidhuprava Rath*

Publisher : **Pruthvipanna Prakashani**
2nd Lane, Indira Nagar, Berhampur
First Edition : **2013**
© Pruthvik Mishra
Printer : **Srujanika**
Balajipentha Lane, BAM., 9861167608
Price : 50/-

ମୁଖ୍ୟ ପରିବେଷକ :

ଲକ୍ଷ୍ମୀନଗର, ଦିଲ୍ଲୀ : ଡିଭାଇନ୍ ନଗର, କଟକ : ହିଲପାଟଣା, ବ୍ରହ୍ମପୁର (ଓଡ଼ିଶା)

କସ୍ତୁରୀ ମୃଗନାଭିର

ଅନନ୍ତ ମହକରେ

ଚିରକାଳ ଯୋଗିନୀର ନିରବଧି ସାଧନାରେ

ଉଚ୍ଛ୍ୱସିତ

ଅପ୍ରତିମ ପ୍ରେରଣାର ଉତ୍ସ

ମୋର ଅନ୍ତରଙ୍ଗ

ଶର୍ମିଷ୍ଠା ନାନୀଙ୍କୁ...

**(ଶର୍ମିଷ୍ଠା କୁମାରୀ ପଟ୍ଟନାୟକ)**

ଗଭୀର ଶ୍ରଦ୍ଧା ଓ ସମ୍ମାନର ସହିତ ନିବେଦିତ



## ବିନମ୍ର କୃତଜ୍ଞତା

ଉତ୍ତର ଆଧୁନିକ ଓଡ଼ିଆ କଥା-ସାହିତ୍ୟ ଓ ସାମ୍ବାଦିକତାର ମହାଭାଷ୍ୟକାର, ଦୁର୍ବାର... ପ୍ରମତ୍ତ ବିପ୍ଳବୀ ଭାସ୍କର ଭାଇନାଙ୍କର (ମହାପାତ୍ର ଭାସ୍କର ଗନ୍ତାଏତ୍) ନୀରବଚ୍ଛିନ୍ନ ପ୍ରୟାସ ବିନା ହୁଏତ 'ତମେ ଆସୁଚବୋଲି' ଆଜି ଏତେ ସମ୍ଭ୍ରାନ୍ତ, ରୋମାଣ୍ଟିକ୍ ପ୍ରବଣତାରେ ଛଳ ଛଳ ହୋଇପାରନ୍ତା ନାହିଁ । ତାଙ୍କର ଜୀବନପ୍ରମତ୍ତ, ଶିଳ୍ପୀସୁଲଭ, ଉଦାର, ନିଃସ୍ୱାର୍ଥପରତାର ସହଯୋଗୀତା ସହିତ ତୂଳୀର ରଙ୍ଗ ଓ ଲେଖନୀର ସ୍ପର୍ଶ କବିତା ଗ୍ରନ୍ଥକୁ ପ୍ରାଣବନ୍ତ କରିଛି । ତେଣୁ ତାଙ୍କର ଅନୁପମ ସ୍ନେହ ନିକଟରେ ମୁଁ ଚିରକାଳ ଅନୁଗୃହୀତ...

ବ୍ରହ୍ମପୁର

କୁମାର ପୂର୍ଣ୍ଣିମା - ୨୦୧୨

## ସୂଚୀପତ୍ର


ମୁଠାଏ ବିଶ୍ୱାସ: ୯
ସୋହାଗ: ୧୩
ମୌନତା: ୧୫
ତିନୋଟି ସ୍ପନ୍ଦନ: ୧୬
ପକ୍ଷ: ୧୭
ଅନୁଭବ: ୧୯
ପ୍ରାର୍ଥନା: ୨୦
ପଲ୍ଲବନ: ୨୧
ସ୍ତବ: ୨୩
ସନ୍ଧିଲଗ୍ନା: ୨୫
ଦହନ: ୨୯
କ୍ଷତ: ୩୦
ଉଡ଼ାଣ: ୩୩
ମେଖଳା: ୩୭
ଅଭିସାର: ୩୯
ତମେ ଆସୁଚ ବୋଲି: ୪୩
ମୁଁ ପାରୁନି: ୪୫
କେଉଁଠି ଲୁଚିଛ କହିଲ: ୪୭
ଗୁଣୁଗୁଣୁ ଛାଇ: ୪୯
ଦୃଷ୍ଟା: ୫୩
ସ୍ୱପ୍ନମଖା ମନ: ୫୫
ଚିତ୍ରିତ ପଣତ: ୫୯
ତମେ ରାଜି ତ !: ୬୩
କସ୍ତୁରୀ: ୬୫
ଡ଼ର: ୬୭
ତନ୍ଦ୍ରା: ୭୧

# ଅନୁଚ୍ଚାରିତ

**କ**ବିତା ସବୁବେଳେ ଅଧାଲୁଚା, ଅଧାଦେଖା ଅବ୍ୟକ୍ତ ଅନୁଭବର ଅନୁଚ୍ଚାରିତ ସ୍ୱପ୍ନ ଓ ସମ୍ଭାବନା ହୋଇ କାଳକାଳ ଧରି କବିକୁ ଆଚ୍ଛନ୍ନ କରିଛି । କବିତାର ପଂକ୍ତିରେ ଶତବାର କଇଁଫୁଲ ଫୁଟିବାର ମହମହ ବାସ୍ନାକୁ ଆପଣେଇ ନେବାକୁ ସେ ଯେତେଥର ହାତ ବଢ଼ାଇଛି, ସେତିକି ଅସଫଳ ପ୍ରୟାସରେ ଅଟକି ଯାଇଛି । କିନ୍ତୁ କେତେବେଳେ ହେଲେ ମୋହମୁଗ୍ଧ ଆବିଷ୍ଟ ପଣରୁ ନିଜକୁ ମୁକୁଳାଇପାରିନି । କବିର ସତ୍ତାରେ ଉଭୟ ପ୍ରେମିକ ବା ପ୍ରେମିକାର ସେ ଆହ୍ଲାଦ ବିଭୋରପଣ ନେସି ହୋଇଥାଏ ବୋଲି କବିତାର ପଂକ୍ତିରେ ଗୁଣୁଗୁଣେଇ ସେ ଗାଏ ପ୍ରିୟତମ ଆଖିର ଘୁମନ୍ତ ଘୁମନ୍ତ ସ୍ୱପ୍ନମଖା ଗୀତ ।

କବିତାର ସ୍ୱୟଂଭୂ ଅସ୍ତିତ୍ୱ ଭିତରେ ବାରମ୍ବାର ବୁଗୁରୁଗୁ ହେଉଥାଏ ଏକ କାବ୍ୟିକ ଅଝଟପଣ, ଯାହାକି ଅନୁଚ୍ଚାରିତ ଶବ୍ଦ ସବୁକୁ ଅଭିବ୍ୟକ୍ତିରେ ରୂପାନ୍ତରିତ କରିବାକୁ ଅହରହ ଅଥୟ, ଅସ୍ଥିର ହେଉଥାଏ । କବିତା କବିର ଆତ୍ମାର ଅବିନାଶୀ ମହିମ୍ନ ମୂର୍ତ୍ତ ରୂପକାର, ଯିଏକି ତା'ର ରାଶି ରାଶି ପଂକ୍ତିରେ ଚହଟେଇ ଦେଉଛି ଫୁଲର ବାସ୍ନା । ପକ୍ଷୀର କାକଳିରେ ଭରି ଦେଉଛି ଏକ ଉଦାର ନିରୀହ ନିଷ୍ପାପତା । ପୁଣି ପ୍ରିୟତମ ପ୍ରିୟ ମନର ଶିହରଣ କମ୍ପନକୁ ନିଜ ଭଲ ପାଇବାରେ ସଂଚରେଇ ଦେବାକୁ ମେଘଢ଼ଙ୍କା ଆକାଶକୁ ଇ ପ୍ରାର୍ଥନା କରୁଛି । କବିତା ନୀରବତାର ନିଃଶବ୍ଦ ପ୍ରତିଲିପି ହୋଇ ନିରୀହ କୋମଳତାର ଅସରନ୍ତି ବିଭୋରପଣରେ ଆବିଷ୍ଟ ହେବା ହିଁ ଜାଣେ । ସେଥିପାଇଁ ଯୁଗ ଯୁଗ ଧରି କବିତାର ଛତ୍ରେ ଛତ୍ରେ ଅନନୁଭୂତ ଅନାଘ୍ରାତ ପ୍ରିୟ ପୁରୁଷ– ପ୍ରିୟନାରୀର ଅନୁରାଗକୁ ପ୍ରାଣବନ୍ତ କରିଛି । ଜନ୍ମ ଜନ୍ମର ପ୍ରତୀକ୍ଷାକୁ କବିର ଅନ୍ତଃସତ୍ତା ଅଶ୍ରୁ ଅନୁରାଗର ଅନ୍ତିମତମ ଅର୍ପଣ ବୋଲି ଗ୍ରହଣ କରି ତା'ର ପ୍ରେମାସ୍ପଦକୁ ଆହୁରି ଆତ୍ମମଗ୍ନ ଭାବରେ ଜଡ଼େଇଧରିଛି ।

ପ୍ରିୟ ନାରୀର  ଅନ୍ତରଙ୍ଗ ଉଚ୍ଛ୍ୱାସ ଭିତରୁ ପ୍ରତିନିୟତ ପ୍ରିୟତମ ପାଇଁ ସର୍ବସ୍ୱ ସମର୍ପଣ କରି ଦେବାର ଅଭିପ୍ସା ହିଁ ପ୍ରେମକୁ ଅକଳ୍ପନୀୟ ବିଶ୍ୱାସରେ ପାର୍ବଣମୟ କରିଛି । ଆହୁରି ଆହୁରି ମତୁଆଲାପଣରୁ ତା'ର ଅପୂର୍ବ ଚିତ୍ରକରୀ ସ୍ୱପ୍ନମଖା ତୂଳୀରୁ ଅସଂଖ୍ୟ ବର୍ଣ୍ଣିଳ ପ୍ରାଣମୟ ଜୀବନର ଝଲ୍‌ମଲ୍ ଚିତ୍ର ସବୁ ଆଙ୍କିଦେଇଛି ।

ସେଥିପାଇଁ ପ୍ରିୟତମର ହାତ ଧରି ଗହୀରିଆ ସ୍ୱପ୍ନର ଛାଇ ଆଲୁଅରେ ଚାଲିବା, ପୁଣି ନିଭି ନିଭି ଆସୁଥିବା ତାରାକୁ ଧରିବା ପାଇଁ ଉନ୍ମୁକ୍ତ, ନିର୍ଲିପ୍ତ ଆକାଶକୁ ହାତ ବଢ଼ାଇବାର ଅକଳ୍ପନୀୟ ଦୁଃସାହସ କେବଳ କବି କରିପାରେ ବୋଲି ତା'ର ଏକାନ୍ତ ନିଜର ଅନୁଚ୍ଚାରିତ ପ୍ରେମଟି ଭୋର୍‌ରେ ଗୁଣୁଗୁଣାଉଥିବା ପ୍ରାର୍ଥନାର ସ୍ତବ ହିଁ ହୋଇପାରିଛି ।

କବିତାର ମହୁଫେଣାରୁ ମହମହ ମୂର୍ଚ୍ଛାହତ ଆବେଗକୁ ସାଉଁଟି ସାଉଁଟି ଅସରନ୍ତି ଅଶ୍ରୁସିକ୍ତ ଅର୍ଘ୍ୟରେ 'ତମେ ଆସୁଚ  ବୋଲି' ତମ ଆସିବା ବାଟକୁ ଛଳ ଛଳେଇ ଦେବା ଛଡ଼ା ମୁଁ ଆଉ କ'ଣ କରିପାରିଥାନ୍ତି  ଯେ...

# ମୁଠାଏ ବିଶ୍ୱାସ

ଅପ୍‌ସରୀ ସୁନ୍ଦରୀ ପ୍ରେମମୟୀ
ଏତେସବୁ ନାଆଁରେ
ଡ଼ାକିଲ ଯେ
ଦେହଛଡ଼ା ଭୋଗଛଡ଼ା
କିଛି ଆଉ ଦିଶିଲାନି ।
ନାରୀର ଚେତନାଟିଏ
ତା' ଦେହରେ ଥାଏ ବୋଲି
କେହି ଜାଣିବାକୁ ଇଚ୍ଛା କରେନି ।
ଅବଶ୍ୟ ହଂସ୍‌କୁରୀ, ଚାନ୍ଦମୁହିଁ, ଲାବଣ୍ୟମୟୀ
ଏମିତି ଅନେକ ନାଆଁରେ
ଡ଼ାକୁଛନ୍ତି ।
କବିକୁ ପଚାରିଲି
ନାରୀର ମନ, ପ୍ରଜ୍ଞା, ଭାବନା
ବିଷୟରେ କ'ଣ ଜାଣିଛ କହିଲ ?
'ଫୁଲର ଈଶ୍ୱରୀ ଶବ୍ଦର ଈଶ୍ୱରୀ
ବୋଲି ମୁଁ କବିତାରେ ଲେଖେ'
ଗାୟକ କହିଲା 'ପ୍ରାଣମୟୀ ପ୍ରିୟା ପାଇଁ ମୋର
ମହମହ ମେଘ ମହ୍ଲାର
ମୂର୍ଚ୍ଛନା ତୋଳେ
ମୁଗ୍ଧ ବିଭୋର ମଉନ ଗୀତେ'
ଚିତ୍ରକର ତୂଳୀରେ
'ଲାଜକୁଳି ସ୍ୱପ୍ନମୟୀ ଚିତ୍ର ସବୁ
ଜୀବନ୍ୟାସ ପାଏ'
ବର୍ଷାଝରା ବିଭୋର ବର୍ଷାଟୋପାରେ ।




କେତେ ମନ୍ଦିର ପ୍ରସ୍ତର ଗାତ୍ର
ଅଣ୍ଡାଳିଲି
ସ୍ମୃତିର ଉଚ୍ଛଳା କୁହୁଡ଼ିର
ମେଖଳା ପଣତରେ
ଦେହର ତୃଷ୍ଣା ମେଣ୍ଟାଇଦେଲି ସିନା
ଭାବନା କି ଅସ୍ତିତ୍ୱକୁ
ତା'ର ଛୁଇଁ ପାରିଲିନି
ଉଷୁମ ଟାଣିବାକୁ ଦେହଟିଏ
ଖେଳନା ଭଳି ସୋକେଶ୍‌ରେ ସଜାଇ
ଅଦୃଶ୍ୟ ଖୁଣ୍ଟରେ
ବାନ୍ଧିଦେଇ ଛପିଯାଇଛୁ ଯେ ଛପିଯାଇଛୁ
ଆହା ଯଦି କେବେ
ମୁଁ ଓ ନାରୀ ଏକାସାଥେ
ହାତମୁଠାରେ
କାକର ଟୋପାକୁ
ସାଇତିବାର ସ୍ୱପ୍ନ ଦେଖିଥାନ୍ତେ,
ନିଖୋଜ ହୋଇଯାଇଥିବା
ଅନ୍ତରଙ୍ଗତାର ଠିକଣା
ଖୋଜିଥାନ୍ତେ,
ସବୁ ଲୁହକୁ ପୋଛିଦେବାର
ମୁଗ୍ଧ ଅନୁଭବଟିଏ ହୋଇଥାନ୍ତେ,
ତା'ହେଲେ ହୁଏତ
ଏ ଭୟଦୁଃଖ ଅବିଶ୍ୱାସର ଜୀବନ
ବଞ୍ଚିବାର ଯୋଗ୍ୟ ହୋଇଯାଇଥାନ୍ତା
ଅନ୍ତତଃ ଆଞ୍ଜୁଳାଏ ପ୍ରତ୍ୟୟରେ
ମୁଠାଏ କଅଁଳ କିରଣକୁ
ଶୋଷିନେବାର
ରହସ୍ୟ ଶିଖିଯାଇଥାନ୍ତା ।



## ସୋହାଗ

ତମକୁ ଖୋଜୁଥିଲି
ଫୁଲରେ, ବଣରେ, ସବୁଜିମାରେ
ଚୁପ୍‌ଚୁପ୍ ତୁମେ ମୋ କାନରେ
କ'ଣ କହୁଥିଲ
ମୁଁ ବି ଶୁଣୁଥିଲି ପତ୍ରଫାଙ୍କରେ
ମୁଁ ଝୁମିଝୁମି
ତମକୁ ବେଳେବେଳେ ଦେଖୁଥିଲି
ଅନବରତ ଫୁଲପତ୍ର କଢ଼ ସବୁ
ଅଜାଡ଼ିହୋଇ ପଡୁଥିଲେ
ତମ ଛାତି, ମୁହଁ, ଆଖି ନିଃଶ୍ୱାସରେ ।
କେତେବେଳେ ଫୁଲ ତମ
ଓଠକୁ ବଡ଼ ସୋହାଗରେ
ଚୁମି ନେଉଥିଲା
ତମ ଦେହର ବାସ୍ନା
ଆଉ ଫୁଲର ମହକରେ
ମୋ ଭାବନାର
ସ୍ୱପ୍ନସବୁ ବିଚ୍ଛୁରିତ ମହକିତ
ହେଉଥିଲେ ।
କେତେବେଳେ ତମକୁ ଦେଖୁଥିଲି ତ
କେତେବେଳେ ଗଛ
ଫୁଲକୁ ଗେହ୍ଲାରେ
କୋଳେଇ ନେଉଥିଲା
ଫୁଲ ସୋହାଗରେ
ଛମଛମେଇ ଯାଉଥିଲା
ମହକରେ ଗଛ କୁରୁଳି ଉଠୁଥିଲା
ମୁଁ ଜୀବନକୁ
ଆହୁରି ଆହୁରି
ଶବ୍ଦରେ, ରଙ୍ଗରେ, ଆବେଗରେ
ଆଉଁଷୁଥିଲି ।



# ମୌନତା

ତତେ ମୁଁ ଖୋଜୁଖୋଜୁ
ଦିନେ ଅମୃତ ବାହାନାରେ
ମୋ ଝଲମଲ ଭାବନାରେ ଦେଖୁଥିଲି
ତୁ ମୋ ହୃଦୟର
ଅପହଞ୍ଚ ରହସ୍ୟର
ନିର୍ଲିପ୍ତପଣକୁ ଆହୁରି
ଆବିଷ୍ଟତାରେ ମଗ୍ନ କରି ଦେଉଛୁ ।
ମୋ ଜୀବନର ଶ୍ରେଷ୍ଠତମ କବିତାକୁ
ନିରୀହ ଗୀତର ମୌନତାରେ
ଆହୁରି ଆହ୍ଲାଦିତ କରିଦେଉଛୁ ।
ମୋ ସ୍ନେହର, ସ୍ୱପ୍ନର ମନକୁ
ଆହୁରି ନିର୍ମଳ ଆବେଗରେ
ବତୁରାଇ ଆଉଁଷି ଦେଉଛୁ ।
କେମିତି ତୋତେ
ମୋ ରକ୍ତରେ
କାଣିଚାଏ ସ୍ରୋତରେ
ଛଳଛଳେଇ ଦେବି ଯେ...
ମୋର ପ୍ରତି ରକ୍ତକୋଷ, ଅସ୍ଥିମଜ୍ଜାରେ
ତୋ'ର ଅଥୟ ଉଚ୍ଚାଟପଣକୁ
କେମିତି ତିନ୍ତେଇଦେବି କହିଲୁ...
ଆହା ! ତୋର ଆଖିର ଅନ୍ତରଙ୍ଗତାରୁ
ଯେଉଁ ଲୁହର ଅନଳ ଝରିପଡୁଛି...
ସେସବୁ ମୋ ଅସହାୟତାକୁ
ଆହୁରି ଅର୍ଥାନ୍ୱିତ, ସମ୍ଭାବନାମୟ
କରିଦେଉଛି;
ହେଲେ ମୁଁ ତ ସେମିତି
ପଥର ଉପରେ
ଛିଡ଼ା ହୋଇ
ପ୍ରାର୍ଥନାର ସ୍ତବ ଗାଉଛି ।

# ତିନୋଟି ସ୍ପନ୍ଦନ

**ଜୀବନ**

ଦିନେ ସ୍ୱପ୍ନରେ ଜୀବନ ପଚାରିଲା,
''ସତ କହିଲୁ ତୁ
କେତେବେଳଯାଏ ଖାଲି କବିତା ଲେଖିବୁ ?''
ଜୀବନ ଫିକ୍‌କିନା ହସିଦେଲା
''ସେ ପର୍ଯ୍ୟନ୍ତ ଯେତେଦିନ ଯାଏ
ପ୍ରତିଟି ଜୀବନ ସ୍ୱୟଂ କବିତା ନ ପାଲଟିଛି ।''

**ଚୁପ୍‌ଚାପ୍**

ମନ ହେଉଥିଲା ଫୁଲରେ ଫୁଲରେ
ଚୁପ୍‌ଚାପ୍ ମହକି ଉଠନ୍ତି କି ?
ବାସ୍ନାରେ, ସୁଗନ୍ଧରେ
ଦିଗନ୍ତ ବିସ୍ତାରି ଯା'ନ୍ତି କି ?

**ମନ**

ଯେବେ କାହାର ଘରୁ
ମନଯାଇ କେଉଁଠି ଅଟକେ
ତା'ର ଘର କିନ୍ତୁ ଆଉ ଘର ହୋଇ ରହେନା
ମୁଠାଏ ମାଟିକୁ ସଞ୍ଚରିଯିବାର
ସ୍ୱପ୍ନ କିନ୍ତୁ ଦେଖେ...

# ପକ୍ଷ

ବଗିଚାର କେଉଁ ଅନ୍ଧାରୁଆ କୋଣରେ
ଆହା ବିଚରା କବିଟି
କବିତାର ପ୍ରତୀକ୍ଷାରେ ଥିଲା
ଆକାଶରେ ଉଡୁଥିବା ପକ୍ଷୀଟେ
ପଚାରିଲା,
"ତୁ କ'ଣ କେବେ ଆକାଶରେ ଉଡ଼ିପାରିବୁ ?"
କବି ଏପାଖ ସେପାଖ ଦେଖିଲା
କହିଲା, "ମୁଁ କେବେ ଉଡ଼ିନାହିଁ,
ହେଲେ ମୋର କବିତାକୁ ଉଡ଼ିବାର ଦେଖିଛି ।"
ପକ୍ଷୀ କହିଲା, "ଗୋଟେ କାମ କରୁନୁ,
ତୋ କବିତା ସାଙ୍ଗରେ ଉଡ଼ିଯାଉନୁ ?"
କବି ମନଦୁଃଖରେ କହିଲା, "ମୋର ବି ଭାରି ମନ ହେଉଛି
ହେଲେ ମୁଁ ଉଡ଼ିପାରୁନି
ମୁଁ ତ ଖାଲି କବିତାକୁ ଉଡ଼ିବାର ଦେଖୁଛି..."
ପକ୍ଷୀ ପୁଣି ଫୁର୍‌କିନା ଆକାଶକୁ ଉଡ଼ିଗଲା
କବି ନିଜର ଉଡୁଥିବା କାଗଜକୁ
ଦେଖି ଭାବୁଥିଲା
"ଆହା ! କାଗଜର ହେଲେ ପକ୍ଷ ଥାଆନ୍ତା କି ?"



# ଅନୁଭବ

କେଉଁ ଏକ ଆସନ୍ନ ପ୍ରସବା କାହାଣୀରେ
'ମୁଁ' ଟି ନିଜ ଭିତରେ ଗୁଣୁଗୁଣାଉଥାଏ :
''ଆଗୋ ଇଚ୍ଛେଶ୍ୱରୀ !
ଇଚ୍ଛା ତ ହେଉଛି ମୋର
ତମ ସହିତ କଣ୍ଠଲଗ୍ନା ହୋଇଯା'ନ୍ତି କି ?
ରାତିର ନିବିଡ଼ ଛୁଆଁରେ
ଶୁଆଇ ଦେବନିକି ?''
କାହାର କେଉଁ କଥାନ୍ତରରେ
କେଉଁ ନଟର ଇଚ୍ଛାମୟୀ ଫୁଲଟେ ଫୁଟେନି ତ
କି କାଇଁ ସେ କହେନି ତ
ନାରୀର ଚେତନାକୁ
ଛାତିରେ ଆଉଜେଇ ଦେଇ ଟିକେ ଆଉଁଷି ଦେବି ।
ଖାଲି ନିଜ ପାଇଁ ଡ଼ହଳବିକଳ
ଦେହଟିଏ ପାଇଁ
ଆଃ ମନଟିଏ ପାଇଁ ।

## ପ୍ରାର୍ଥନା

ପଥର ଦେହରୁ
ଦିନେ କବିତାର
ମୁଖାଟେ ମୁକୁଳିଗଲା
ସମୟକୁ, ବାଟୋଇକୁ, ଜୀବନକୁ
ବାରମ୍ବାର ପଚାରୁଥିଲା :
ମୋ ଅସ୍ତିତ୍ୱକୁ, ମୋ ନିଜକୁ
ଜୀଇଁବାର ମୋହ ଟିକେ ଦିଅ
ଜୀବନର ଉଷ୍ମାକୁ ଶୋଷିନେବା ପାଇଁ
ଆୟୁଷ ଟିକେ ଦିଅ
କବି ମତେ ଲେଖିଦେଇ
କ୍ଷୀର ହାଣ୍ଡିକୁ
ଚୁଲିରେ ବସାଇଦେଇ
ଖିଆଲରେ ଭୁଲିଗଲା ଯେ
ଉତୁରି ଉତୁରି ଚୁଲି ଲିଭିଗଲା ସିନା
ହେଲେ ମୋର
'ମୁଁ'ପଣ ବାସ୍ନା ଆଉ ଚହଟିଲାନି
କି ମୋ ଅସ୍ତିତ୍ୱର
ଚନ୍ଦ୍ରାଲୋକ
ଆଉ ସମ୍ପର୍କର
ଶଙ୍ଖନାଦକୁ ଲୋଡ଼ିଲାନି ।
ଆଜିକାଲି କବିତାର
କୋହଭରା ଅଶ୍ଳୀଳ ଆକାଶ
ଜୀବନର ଚିତ୍ରମୟ ତୂଳୀରେ
ଆବିଷ୍ଟ ଆତୁର ହେଉନି
ବିଗଳିତ ବିହ୍ୱଳିତ କଳାପରି
ନିଆଁରା କିଛି ଘଟୁନି
ସ୍ୱୟଂ କବିତାଟେ
କାଳେ ଉତୁରି ଆସିବ ବୋଲି
କୁହୁଡ଼ିକୁ ପାହାନ୍ତିଆ କାକରରେ
ଭିଜିବାକୁ ଡ଼ାକୁଛି ।

# ପଲ୍ଲବନ

ଜୀବନ ଯେଉଁଠି
ପଲ୍ଲବିତ ହୋଇ
ଫୁଲରେ, ଫଳରେ, କଢ଼ରେ
ମହକରେ ମହକିତ ଉଚ୍ଛାଟିତ ହେଉଥିଲା
ହେଲେ ସବୁବେଳେ
ଜୀବନ ପାଖରେ
ଅନୁଭବଟିଏ ଥାଏ ସିନା
ଗଛର ନିଃଶ୍ୱାସ କିନ୍ତୁ
ନେସି ହୋଇଯାଏ ପତ୍ରରେ
ଗଛ ଦିନେ ଭ୍ରୁଣରୁ ବୀଜ ପାଲଟିଥିଲା
ପବନରେ ପତ୍ରସବୁ ଫଡ଼୍‌ଫଡ଼୍ କରୁଥିଲା
ପକ୍ଷୀସବୁ ଉଡ଼ିଯାଉଥିଲେ ଆକାଶରେ
ମେଘଭର୍ତ୍ତି ଉଡ଼ାଣରେ
କେଉଁ ଏକ ନୂଆଁ ଭୂମିର ସନ୍ଧାନରେ
ଜୀବନ କିନ୍ତୁ ମାନବିକତାରେ
ଝଲ୍‌ମଲ୍ କରୁଥିଲା ।




# ସ୍ତବ

ସ୍ତବ କ'ଣ
ଗାଉନଥିଲେ କେହି !
ଘଣ୍ଟ, ମର୍ଦ୍ଦଳ, ହୁଳହୁଳି
ପଡୁନଥିଲା ଏଠି ?
ଗହଗହ ଛମ୍‌ଛମ୍ ସ୍ଥାପତ୍ୟର
ବିଭୋରପଣ ଚହଟୁନଥିଲା ?
ହେଲେ ବାରମ୍ବାର
ଅଟକି ଯାଉଥିଲା
ସାମାନ୍ୟ ସ୍ନେହର ଆର୍ଦ୍ରତା ଟିକେ ପାଇଁ
ଶ୍ରଦ୍ଧାରେ ମଞ୍ଜରିତ ହେବ ବୋଲି
ଅପେକ୍ଷା କରି ବସୁଥିଲା
ଗୁମୁରି ଗୁମୁରି ଆଉଜାଇ
ନେଉଥିଲା
ହୃଦୟଭର୍ତ୍ତି ଆଞ୍ଜୁଳାଏ କୋହ
ଭାବର ମଧୁବନ
ଅଜାଡ଼ିଦେବାର ସାମର୍ଥ୍ୟ
ସବୁ ନିଗାଡ଼ିଦେବାର
ନିଛକ ନମ୍ରପଣ
ଝରୁଥିବା ଲୁହର
ଥମ୍‌ଥମ୍‌ପଣ

ସ୍ୱପ୍ନକୁ ଚିତ୍ରମୟ କରିବାକୁ
କେଉଁ ତୂଳୀକୁ ପଚାରିବୁ ଯେ
ସେ କ'ଣ ଶିଖେଇଦେବ
ଜୀବନର ଆକୁଳତାରୁ
ହାରିବାର ଥକାପଣ ?
ଅନୁଭବର ଓଦା ହାତଟିକୁ
କ'ଣ ମହମହ ଅନୁଭୂତିର
ରକ୍ତିମ କପାଳରେ ଥାପିଦେବୁ ?
ଫୁଲ, ଲୁହ ଦେହର
ଗଜଲ୍ ଗାଇବାକୁ
ଚଢ଼େଇମାନଙ୍କୁ ଯେଉଁଠି
ଅହରହ ଡ଼ାକୁଥିବୁ ?
ଏପରିକି ସ୍ନାୟୁରେ ସ୍ନାୟୁରେ
ସଂଚରେଇ ନେଉଥିବୁ
ଜହ୍ନର କୋହ ?

## ସନ୍ଧିଲଗ୍ନା

ଦିନେ ସ୍ୱପ୍ନ ଜରଜର
ଦର୍ପଣରେ ଦେଖିଲି
ଜହ୍ନର ଅପ୍‌ସରୀଟିଏ
ଓହ୍ଲାଇ ଆସୁଛି
ଅପାର୍ଥିବ ପ୍ରେମର ଆକୁଳାଣ
ଛଳଛଳ ପଣରେ
ମୋ କଳ୍ପନାର ଚିହ୍ନା ଚିହ୍ନା ବାସ୍ନା
ତା' ଦେହସାରା ବୋଳି ହୋଇଯାଉଛି
ସ୍ନେହ ଟୋପେ ସାଉଁଟିବାକୁ ହାତ ବଢ଼ାଇଲେ
ଜୀବନ୍ମୟୀ... ଜ୍ୟୋର୍ତିମୟୀ ଭଳି
ମୋ ରକ୍ତକୋଷ ଅସ୍ଥିମଜ୍ଜାକୁ
ଛମଛମେଇ ଦେଉଛି
କେତେବେଳେ ଫୁଲରେ ଫୁଲରେ
ସବୁ ଅଶ୍ରୁ ଅଭିମାନ ଆଉଁଷାକୁ
ଛେଚିକୁଟି ଏକାକାର କରିଦେଉଛି
ପୁଣି ସାରାରାତି ଉଜାଗର ରହି
ମୋ ଉଛୁଳା ଆକୁଳତାକୁ
ଆଞ୍ଜୁଳା ଆଞ୍ଜୁଳା
ଅଶ୍ରୁରେ ଭିଜାଉଛି
ହେ ମୋର ଶବ୍ଦର ଈଶ୍ୱରୀ ! ମେଘାମ୍ବରୀ !



ଶୁଣ୍ ଟିକେ ରହିଯା
ତୋ ପାଇଁ ସବୁ ଛାଡ଼ିଛୁଡ଼ି
ପ୍ରଷ୍ଠ ପ୍ରଷ୍ଠ ସ୍ମୃତିର ଶିଉଳି ଆଡ଼େଇ
କେବେଠୁ ଆସିଛି ।
ହେଇ ଦେଖ ! ସବୁ ଫିଙ୍ଗିଦେଲି
ଧୂଳିଖେଳ, ଅଲିଅଳ ପିଲାଦିନ
ମୋ ଅତୁଳନୀୟ ଅତୀତ
ଅଲଗା କରିଦେଲି ନିଜକୁ
ଶେଷହୀନ ଶୋଷର ତାତିରୁ ।
ମୁଁ ତ ପ୍ରାର୍ଥନାରେ ମଜ୍ଜିଥିଲି
ବୁନ୍ଦାବୁନ୍ଦା ବର୍ଷାରେ ଭିଜୁଥିଲି
ମତେ ନିଦର କିଆରିରୁ ଉଠାଇଲୁ
ପୁଣି କେଉଁ ଶୂନ୍ୟଡ଼ାଳେ
ବସାଇବୁ କେଜାଣି ?
କେଉଁ ଲୁହର ମୁହାଣରେ
ପୋତିଦେବୁ ମୋର ସ୍ୱପ୍ନର ବୋଇତ ?
ଯାହାର ଖୋଜ୍ ଇତିହାସ ପାଲଟିଛି
ତୋର ଅସରନ୍ତି ମୂର୍ତ୍ତିମତି ସ୍ମୃତିର
ବିହ୍ୱଳ ଘୂର୍ଣ୍ଣିରେ
ଯେତେଥର ମୁଁ ନିଜକୁ ନିଶ୍ଚିହ୍ନ କରିଛି
ସେତିକି ଦୁର୍ନିବାର କାମନାରେ
ତତେ ଛୁଇଁବାକୁ
ନିଆଁ ସାଉଁଟୁଛି ।




# ଦହନ

ଦିନେ ମୋ ଆଙ୍ଗୁଠିକୁ
ଦେଖୁ ଦେଖୁ ପଚାରିଲି
ତୁ ମୋ ଆଦିମ କାମନାର
ମଧୁମତି ଇଛାକୁ ସାକାର କରିବାକୁ
କେତେ ସ୍ୱପ୍ନ ବିମୋହିତ ଦେହକୁ
ଅଣ୍ଡାଳିଛୁ, ଆଉଁଷିଛୁ...
ପୁଣି କେତେ ବର୍ଷା ଟୋପାକୁ
ଓଦାଓଦା ଅନୁଭବରେ ତିନ୍ତେଇଛୁ
ସେଇ ଯେଉଁ ଓଠରେ ମୁଁ
ଛାଡ଼ି ଆସିଥିଲି ଅସ୍ଥିର ଚୁମ୍ୱନଟିଏ
ତାକୁ ତୋ'ର ଉତ୍ତାଳ ଆଙ୍ଗୁଠିରେ
ନେସିଦେବାକୁ
କେତେ ଯେ ନିଷ୍ଫଳ ପ୍ରୟାସ କରିଛୁ
ତୋର ସ୍ପର୍ଶାତୁର ଉଷ୍ମପଣକୁ ଏବେବି
ଯେତିକି ଆଙ୍ଗୁଠିରେ ଛୁଉଁଛି
ସେତିକି ନିଜକୁ ନିଆଁରେ
ପୋଡୁଛି....ଫାଟୁଛି...ଫୁଟୁଛି...
ହେଲେ ନିର୍ଦ୍ଦୟ ଆଙ୍ଗୁଠି ମୋର
ସବୁବେଳେ
ସେଇ ଗୋଟିଏ ସ୍ପର୍ଶକୁ ମନେରଖିଛି
ତୋର ଉତ୍ତପ୍ତ ନିଃଶ୍ୱାସର
ଦାରୁଣ ଦହନ
କେତେ ଲୁହରେ ତାକୁ
ଭିଜେଇଲେ କି
ପୋଛିଦେଲେ ବି
ଜ୍ୱଳନରୁ ମୁକୁଳି ଆସୁନି ।

## କ୍ଷତ

ଚାଲୁଚାଲୁ ତମ କଥାକୁହା ଆଖିର
କାନ୍‌ଭାସ୍‌ରେ ଜୀବନର
ହସ୍‌କୁରୀ ଛବିଟିଏ
ଉତୁରି ଆସୁଥିବାର ଦେଖିଲି
ତମ ଶିଳ୍ପୀମନର ଟୁକୁରା ଟୁକୁରା
ସ୍ୱପ୍ନଖଣ୍ଡସବୁ ବିଛାଡ଼ି
ପଡ଼ିଥିବାର ଦେଖିଲି
ଥପ୍‌ଥପ୍ ନିଗିଡ଼ିପଡୁଛି
ସେଥିରେ କଟା ଆଙ୍ଗୁଠିର ରକ୍ତ
ମନ୍ଦିର, ମସ୍‌ଜିଦ୍, ଗୀର୍ଜାର
ପ୍ରାର୍ଥନାର ମୋହମୁଗ୍ଧତାରେ
ଉଚ୍ଚାଟିତ ହେଉଛି
ଅବିନାଶୀ ଆତ୍ମାର ଭୋକ
ରକ୍ତରେ, କାକୁସ୍ଥପଣରେ
ଆହୁରି ନିଃସଙ୍ଗ ନିଥର
ତମ ସୁକୁମାର ମନ
କେବେଠୁ ଏମିତି ନିର୍ମମ ନିଷ୍ଠୁର
ହେଲା କେଜାଣି
ମୋ ନିଃଶ୍ୱାସର ଉଚ୍ଚାଟପଣକୁ
ତମେ ଆଉ ସୁଗନ୍ଧିତ କରିବାକୁ
ଇଚ୍ଛା ବି କରୁନ
ଡ଼ର, ଅନ୍ଧାର ଅବିଶ୍ୱାସକୁ
କେବେ ତୁମେ ଫିଙ୍ଗି ଦେଇଥିଲ
ହେଲେ ପଥରରେ
ଖୋଦେଇ ହୋଇଥିବା
ଜୀବନକୁ ତ
ସମୁଦ୍ରପରି ଇଚ୍ଛାରେ
ଜଡ଼େଇ ନେଇଥିଲ ।
ମତେ ଶୋଷରେ, ସ୍ପର୍ଶରେ

ଶବ୍ଦରେ ମୋହ ଜରଜର
ଗଭୀର ଆଲିଙ୍ଗନଟିଏ ଦେବ ବୋଲି
ପ୍ରତିଶ୍ରୁତି ଦେଇଥିଲ ଯେ...
ମତେ ଇତିହାସ ପୃଷ୍ଠାରେ
ଜୀବନ୍ମୟୀ କରିବାର
ସମ୍ଭାବନାଟିଏ ଦେଇଥିଲ...
ଅଥଚ ଆମ ସମ୍ପର୍କର
ବିସ୍ତୃତି ଯେଉଁଠି ଆରମ୍ଭ ହୋଇଥିଲା
ସେଠି ଯୁଦ୍ଧଭୂମିର ରକ୍ତ-ମାଟି ମିଶା
ପରାହତ, ସରସରପଣ
କାହିଁକି ପଖାଳିଦେଲ ?
ଏବେ କହିଲ କେମିତି ମୁଁ ଗୋଟେ
ଅସହାୟ ଟାଙ୍ଗର ପାହାଡ଼ଟେ
ଭଳି ଛିଡ଼ାହେବାକୁ ବାଧ୍ୟ ହେଉଛି
ତମ ସମର୍ଥ ସେନାପତିତ୍ୱର
ବିଜୟ ଉଲ୍ଲାସକୁ
ଆତ୍ମାରେ ଚିପୁଡ଼ି ଦେବାକୁ
ଖଣ୍ଡାଟେ ବି
ଉଠାଇ ପାରୁନି
ଓଠରେ ମହୁମାଛିର ଦଂଶନକୁ
ମନେରଖିବା ଛଡ଼ା
ଦେହର ପରାଗକୁ ଜରେଇନେବା ଛଡ଼ା
ମୁଁ ଆଉ କ'ଣ କରିପାରିବି କହ !
ଫୁଲର ଫୁଲେଇପଣକୁ
ଯେତେ ମୋ ଇଚ୍ଛାର କଡ଼ରେ
ବତୁରେଇ ଦେଲେ ବି
ମୋ ନିବିଡ଼ ଓହ୍ଲାଣ କିନ୍ତୁ
ତମପାଇଁ
ବିଭୋର ମୁଗ୍ଧ କ୍ଷତଟିଏ
ହେବା ଛଡ଼ା
ଆଉ କ'ଣ ହୋଇ ପାରିଥାନ୍ତା ଯେ... ।



# ଉଡ୍ଡାଣ

ମୁହୂର୍ତ୍ତଟିଏ ସଦାବେଳେ
ହୁଏ ରୁଗ୍ଣରୁଗ୍ଣ
ଯନ୍ତ୍ରଣାରେ ଅଥୟ ଆକୁଳ ।
ନିଦ ମଳମଳ ଆଖିରେ ଆଖିରେ
ପଚାରୁଥାଏ କେବେ
ଜନ୍ମନେବ ଚେତନାର
ସ୍ୱପ୍ନମଖା ଶୈଶବ...
ତେଜରେ ଯା'ର ସୂର୍ଯ୍ୟ ବି
ମୁହଁ ଲୁଚେଇବ,
ନିରୀହତାରେ ଯା'ର
ଫୁଲ ବି ହାରିଯିବ
ନିର୍ମାୟାପଣରେ ଯା'ର
ସବୁ ଅନ୍ତରଙ୍ଗତା ନିଃଶେଷ
ହେଇଯିବ !
ତଥାପି... ନିଭୃତ ମନର ନୀରବତାରୁ
ନିଃଶ୍ୱାସମୟ ପବନରୁ
ଶୁଭୁଥିବ ଧକ୍...ଧକ୍...ଧକ୍
ସେତେବେଳେ ବେଶି ବେଶି
ତମମୁହଁ ଦିଶୁଥିବ ଉଜ୍ଜ୍ୱଳ
ପାହାନ୍ତି ପହର ଭଳି ।

ପାହୁଥିବ ରାତି
ଆକାଶରେ ଝୁଣ୍ଟୁଥିବ
ସକାଳର ଶୁଭ୍ର ଛଳଛଳ ପଣ ।
ତମେ କ'ଣ ସତରେ
ମୋ ଦୀର୍ଘଶ୍ୱାସର
ଅଗଣିତ ତାରାପୁଞ୍ଜ ନୀହାରିକା ପରେ
ଓହ୍ଲାଇ ଆସିବ ?
ସ୍ୱପ୍ନର କିରଣକୁ ମୁଠେଇ ମୁଠେଇ
କ'ଣ କରିବି ଯେ ମୁଁ
ମୋ ପାଖରେ ତ
ତମ ବନ୍ଦନା ଗାଇବାକୁ
କି ପାଛୋଟି ନେବାକୁ
ଶ୍ରଦ୍ଧାର ଅବିର ମୁଠାଏ ବି ନାହିଁ,
ଏପରିକି ଛଳଛଳ ଘାସର ଗାଲିଚାଟେ
ପାରିଦେବାକୁ ମୋର
ପଣତଟେ ବି ନାଇଁ ।
କ'ଣ କହି ତମ ଚକ୍‌ମକ୍ ମନକୁ
ମୋହିବି ଯେ...
ଏଠି ତ ଶବ୍ଦ ସବୁ
ମହାନ ନୀରବତାର
ଋତ୍ୱିକ୍ ପାଲଟିଛନ୍ତି
ଆବାହନ କରିବାକୁ

ସ୍ୱୟଂସିଦ୍ଧା ମନ୍ତ୍ରର ଅଭାବ ।
ସତ୍ୟ ଯେ ବାଙ୍ମୟ ପାଲଟିଛନ୍ତି
ତେବେ କ'ଣ ଦେଇ
ତମର ଏ ସତ୍ତ୍ୱମୟୀ
ଅସ୍ତିତ୍ୱର ଉପଚାର କରିବି ଯେ...
ସମସ୍ତେ ତେଜିୟାନ୍ ଦିଶୁଛନ୍ତି
ଅଲୌକିକ ମ୍ୟାଟାଲ୍ କିରଣରେ
ହାତ ବଢ଼ାଇଲେ
ଛୁଇଁ ହେଉନି ତମକୁ
ଆହୁରି ଆହୁରି
ବିସ୍ତାରିତ ହେଉଛି
ବ୍ୟାପିଯାଉଛି ଯୋଜନ ଯୋଜନ
ତୁମ ପକ୍ଷ, ତୁମ ଉଡ଼ାଣ... ।




# ମେଖଳା

ମତେ ମନା କଲୁ ବୋଲି
ଅନିଚ୍ଛାରେ ହେଉପଛେ
ମୁଁ ଜିଦ୍‌ରେ କିନ୍ତୁ
ତୋ କୋଳକୁ ଡେଇଁ ପଡ଼ିଲି ।
ସେତେବେଳେ
ନେଥା ନେଥା ମାଳତିର
ମହ ମହ ବାସ୍ନା
ପୁଣି ଅସରା ଅସରା ଜହ୍ନର
ବିମୋହିତ ବାସ୍ନା
ବୁକୁଥରା ଶୀତୁଳିଆ
ଥୁରୁ ଥୁରୁ କମ୍ପନ
ଠକ୍ ଠକ୍ ଦାନ୍ତ ବାଜୁଥିଲା,
ହାତ ଆଙ୍ଗୁଠି ସବୁ
ଅସାଡ ହେଉଥିଲା,
କୋହଲା ପବନର
ହିମାଳରେ
ଜାକିଜୁକି ସିମ୍‌ଟେଇ ଗଲେ ବି
ଆହୁରି ଆହୁରି ଶେଥା ଶେଥା
ଲାଗୁଥିଲା
ନିଶ୍ୱନ୍ ରାତିର ନୀରବ
ଗୁପ୍ ଚୁପ୍ କଥା
ଅଧାଦେଖା ଅଧାଲୁଚା

ମେଘ ଢ଼ଙ୍କା ଜହ୍ନ
ଲୁଚକାଳି ଖେଳୁଥିଲା ।
ହେଲେ ତୁ' କିନ୍ତୁ
ଅମାନିଆ ପଣରେ
ମତେ କଲବଲ କରୁଥିଲୁ ।
ମୋ ଅସହାୟତା... ନିପାରିଲାପଣକୁ
ରହସ୍ୟମୟୀ ରାତି ତା'
କଳାପଣତରେ
ଆହୁରି ଆହୁରି ନିବିଡ ମଗ୍ନତାରେ
ଆଶ୍ଳେଷି ନେଉଥିଲା ।
କୃତଜ୍ଞତାରେ
ମୋ ଅସ୍ତିତ୍ୱ
ମୋ ଆତ୍ମା
ମୋ ଶୋକ, ଲୁହ, ଦୁଃଖ
ସବୁ ତା'ର
ଅମ୍ଳାନ ଉଦାରତାରେ
ଅନନ୍ତ ସ୍ନେହମଖା ପଣତରେ
ବେଶି ବେଶି ଜଡେଇ ଯାଉଥିଲା ।

## ଅଭିସାର

ବର୍ଷା ଝରୁଛି ଅବିରଳ
କାଛରେ ବର୍ଷା... ଇଲେକ୍ଟ୍ରିକ୍ ଖୁଣ୍ଟରେ ବର୍ଷା
ଛତାଧରି ସାଙ୍କୁଡ଼ି ଯାଉଥିବା ଦେହରେ ବର୍ଷା,
ରାସ୍ତା ସାରା
ପାଣି ଚବ୍ ଚବ୍
କାଦୁଅ ଭର୍ତ୍ତି ପଚ୍ ପଚ୍
ଶିତୁଳିଆ ପବନ କେତେବେଳେ
ବିଜୁଳି ସାଙ୍ଗେ
ଚମକୁଥାଏ ଅହରହ
ଆଉ ବର୍ଷା ଟୋପା
ଭୂଇଁକୁ ଚୁମୁଥାଏ ବାରବାର
ଓଦା ଓଦା ପ୍ରଣୟର ଟୋପା
ଖସିପଡେ ମାଟିର ଛାତିରେ
ଉନ୍ମାଦେ ବିଭୋର
ବର୍ଷାର ବାହୁ ବନ୍ଧନରେ
ଏକଦମ୍ ଜଡିଯାଏ
ଶୋଷିନିଏ ମାଟି
ପ୍ରମତ୍ତ ଶୃଙ୍ଗାର ଆଃ........ ଉଃ
ଥରାଇ ଦେଉଥାଏ
ରତିମଗ୍ନା ବର୍ଷା ଭିଜା ମୁହୂର୍ତ୍ତ



ବର୍ଷାରେ ଭିଜିଭିଜି
ତମେ ପୁଣି ସ୍ମୃତିରେ
ପହଁରେଇ ଆସ
ଓଦା ଓଦା ବାଳରେ
ଲେଖିଦିଅ ରୋମାଞ୍ଚର ସ୍ତବ ।
ବେକ, ବାହୁ, ବକ୍ଷୋଜ ଭର୍ତ୍ତି
ବର୍ଷୁକୀ ଇଚ୍ଛାର ରମଣ !
ହେଇ ! ଦେଖିଲା ବେଳକୁ
ତମେ ବର୍ଷା କୋଳରେ ଝୁମି ଝୁମି
ପକ୍ଷୀର ଡେଣାରେ ଆକାଶକୁ ଉଡିଗଲଣି
ସୁଗନ୍ଧିତ କରିଦେବାକୁ
ଏଇ ମୁହୂର୍ତ୍ତର ଆହ୍ଲାଦ ।
ଆଃ ! ମେଘ ହେଲେ ହୋଇଥାନ୍ତି
ଛୁଉଁ ଛୁଉଁ ସ୍ନେହରେ ବତୁରି ଯାନ୍ତି
ନଦୀ ହେଲେ ହେଇଥାନ୍ତି
ତମ ସୋହଗର ତୃଷିତ ଓଠରେ
ଶତବାର ଅଟକି ଯା'ନ୍ତି ।




# ତମେ ଆସୁଚବୋଲି

ତମେ ଆସୁଚବୋଲି ତ
ନିଃଶବ୍ଦରେ ଅମୃତ ଢ଼ାଳିଦେଉଛି
ଦରଦ ।
ତମ ଗଭୀରତାର ପାଦଚିହ୍ନ
ଯେମିତି ଏକାକାର
କରିଦିଏ ମଶାଣି ଓ ଏନ୍ତୁଡ଼ିର ଦିଗ ।
ତମ ମହମହ ଭଲପାଇବାକୁ
ସ୍ନେହମଖା ସୁକୁମାର ଆହ୍ଲାଦରେ
ତିନ୍ତେଇଲେ କି ଭିଜେଇଲେ ବି
ସେଇ ଏକା ଅସ୍ଥିର ଆକୁଳପଣ
ମୋ ଆତ୍ମାକୁ
ଆହୁରି ଆହୁରି
ଆଉଁଷି ଅଣ୍ଡାଳି ଛେଚିକୁଚି
କରୁଥାଏ ବିଭକ୍ତ ବିଷର୍ଣ ।
ତମ ଇଚ୍ଛାର
ନର୍ତ୍ତନରୁ ଜନ୍ମ ନେଉଥିବା
ସେଇ ଧୂସର ଧୂସର ଧୂଆଁରୁ
ନିଜକୁ ଯେତେ ମୁକୁଳାଇ ଆଣିଲେ ବି
ବାରମ୍ବାର ମୁହୂର୍ତ୍ତଟିଏ
କଅଁଳ ପେଟରେ

ପୁଣିଥରେ ଗର୍ଭବତୀ ହେବାର
ଇଚ୍ଛାରେ ମାତିଥାଏ,
ମୁଠାଏ ବିଶ୍ୱାସକୁ ପୁଣି
ଚିତ୍ରମୟ କରିବାର
କଷ୍ଟତକ ଛାତିରେ ଚାପି
ଲୁହ ଟଳମଳ ଆଖିରେ
କାନ୍ଦକୁ ଲୁଚାଇ ଲୁଚାଇ
ଝର୍ଣାର ଗେହ୍ଲାପଣକୁ
ଆପଣାର କରେ ।
ମେଘଭର୍ତ୍ତି ଆକାଶର
ଥମ୍‌ଥମ୍ ମଉଳା କୋହରେ
ଅସରନ୍ତି ଅଶ୍ରୁସିକ୍ତ
ଅର୍ଘ୍ୟ ଅର୍ପଣରେ
ତମ ଆସିବା ବାଟକୁ
ଆହୁରି ନୀରବ ବିଷାଦରେ
ଉତ୍ତାଳ, ଉଚ୍ଚାଟିତ କରେ ।

# ମୁଁ ପାରୁନି

ମହୁଲ ଗଛର ଛାଇ ଛାଇ
ଆଲୁଅରେ
ଏକୁଟିଆ ଶୋଷଭର୍ତ୍ତି
ନିଃଶ୍ୱାସରେ
ଅଧଲୁଚା ଜହ୍ନକୁ
ମେଘଢ଼ଙ୍କା ଆକାଶୀ ପଣତରେ
ଲହରେଇ ଦେଲାବେଳକୁ
ପୋଷପୋଷ କିରଣରେ
ତମେ ଗାଧେଇ ପଡ଼ିଲଣି ।
ପୁଣି କେଉଁଠି ତୁମ ଶୁଭ୍ରସ୍ମୃତିକୁ
ଚୁମିଚୁମି ସାଇତିବି....
ତମ ଗରମ ନିଃଶ୍ୱାସର ତାତିରେ ତ
ଜୁଡୁବୁଡୁ ସ୍ୱପ୍ନମୟୀ ରାତି ମୋର
ଚନ୍ଦନବାସ୍ନାରେ ଚହଟି ଯାଉଛି ।
ହେଲେ କ'ଣ କରିବି କୁହ !
ଶୀତର କୁହୁଡ଼ିରୁ
ଟୋପା ଟୋପା କାକରକୁ
ଟିକେ ଛୁଇଁ ଦେବାକୁ
ଫୁଲର ମହୁରେ ଟିକେ
ଓଦା ଓଦା ଓଠ ଥାପିଦେବାକୁ
ଅଥୟ ଆତୁର ହେଲେ ବି
ଆଙ୍ଗୁଠିକୁ ମୋର
ସିଧା କି ସମର୍ଥ କରିପାରୁନି...



# କେଉଁଠି ଲୁଚିଛ କହିଲ

କେଉଁଠି ଲୁଚିଛ କହିଲ ?
ଖୋଜି ଖୋଜି ମୁଁ
ନୟାନ୍ତ ହେଲିଣି ।
ସମୁଦ୍ରକୂଳ, ଆମ୍ବତୋଟା
କବାଟ କୋଣ, ଖଟ, ବେଞ୍ଚ ତଳ
ଅନ୍ଧାର ଘର
ସବୁଆଡ ଖୋଜି ଦେଲି ।
ଧାନ ଅମାର ବାଡି ବିଲ
ପୁଅ ଝିଅଙ୍କର ବହିଥାକ
ଖେଳଣା ବସ୍ତାନି
ସବୁ ଅଣ୍ଡାଳିଲି, ଦରାଣ୍ଡିଲି ।
କେଉଁଠି ହେଲେ ତ ଦିଶୁନ ?
ଆମ୍ଭାକୁ
ମହକାଇ ଦେଉଥିବା
ସେଇ ଓଦାମାଟିର
ବତୁରା ବତୁରା ବାସ୍ନା
କ'ଣ ତମ ନିଶ୍ୱାସରେ ବାଜୁନି ?
ହେଇ ତ ତମ ଝର୍କାର କାଚରେ
କେତେ କୁହୁଡି ଜମିଯାଇଛି ।
ମେଘର ପଣତରୁ ଖସୁଥିବା
ଥୋପା ଥୋପା
ବର୍ଷାଟୋପାର ଗୁଞ୍ଜନ
ବି ତମକୁ ଶୁଭୁନି କି
ଅଥୟ ଉତ୍ତାଳ କରୁନି ।
ଦିଅଁ ଘରେ ଖଟୁଳିରେ


ସଜା ହୋଇଥିବା
ଦେବଦେବୀ, ଫୁଲ ଚନ୍ଦନ ଅଗୁରୁ
ମହକରେ
କାଳେ ଲୁଚିଛ ପରା ବୋଲି
ଦିଅଁ ଘରଟା ସାରା ଖୋଜିଦେଲି,
କାଇଁ କେଉଁଠି ତ
ତମ ସୋ'ର କି ଶବଦ ନାହିଁ ।
କ'ଣ ସଂଜଦୀପର
ଶିଖାରେ ଶିଖାରେ
ତାରା ହୋଇ ଆକାଶକୁ
ଓହ୍ଲାଇ ଗଲ କି ?
ଫୁଲବଣର ହିଡରେ ହିଡରେ
ଜହ୍ନକୁ ଗୋଡାଇ ଗୋଡାଇ
ଶୂନ୍ୟରେ ମିଳେଇ ଗଲ କି ?
ଦେଖ, ସେମିତି ଦୁଷ୍ଟ ହୁଅନା !
ମତେ ଆଉ କଲବଲ କରନା
ତମ ଆଖିର ଲୁହରେ
ଦେଖ କେମିତି
ସପନର ବୋଇତଟିଏ
ତିଆରି କଲିଣି,
ସେ ବୋଇତରେ
ତମେ ଆଉ ମୁଁ
ମୁଁ ଆଉ ତମେ
ଝର୍ଣାର କୁଳୁକୁଳୁ କାନେଇବା
ନିଥରତାର
ରୂପେଲି କିରଣରେ
ଅରୁନ୍ଧତି ତାରାର ଆଲୁଅ
ଖୋଜିବା...

# ଗୁଣୁ ଗୁଣୁ ଛାଇ

ତମଠୁ ଶିଖିଥିଲି
ଗଭୀରତମ ଅନ୍ତରଙ୍ଗ
ସ୍ନେହର ଲାବଣ୍ୟକୁ
କେମିତି ନିଭି ନିଭି
ଆସୁଥିବା ତାରା ଓ ଉନ୍ମୁକ୍ତ ନିର୍ଲିପ୍ତ ଆକାଶର
ନିଃଶବ୍ଦ ନୀରବତାରେ
ଅଜାଡ଼ିବା,
ତମଠୁ ଶିଖିଥିଲି ଶିଉଳିର
ମୁଲାୟମ ମସୃଣ ପିଠିରେ
ଗହୀରିଆ ସ୍ୱପ୍ନର
ଛାଇ ଛାଇ ଚିତ୍ର ସବୁ ଆଙ୍କିବା ।
ତମଠୁ ଶିଖିଥିଲି
ଆଜନ୍ମରୁ ଗୁଣୁ ଗୁଣାଉଥିବା
ସେଇ ଭୋର୍‌ର ସ୍ତବଟି
ପ୍ରାର୍ଥନା ଭାବରେ ନୁହେଁ
ଆତ୍ମାର ଓଁକାର ମନ୍ତ୍ରରେ
ଶବ୍ଦହୀନ ଉଚ୍ଛ୍ୱାସରେ
ଝଲସିତ ହେବା ପୁଣି
ଉଚ୍ଚାରିତ ହେବା ।
ତମେ ତ ଜାଣିଛ !!
ମୁଁ ଗୋଟେ ଛୋଟ
ଶେଥା ଦୁର୍ବଳିଆ ଦୁବଘାସ



ତମର ସେ ଅପ୍ରମିତ
ବେଗବାନ ଯାଦୁକରୀ
ଘୋଡାର ଖୁରାରେ
କେଉଁ ଆଡେ ଯେ
ଛିନ୍‌ଛତର ହୋଇ
ଫୋପାଡି ହୁଏ
ସେ ଜ୍ୟୋତ୍ସ୍ନା ଜଲବଲ ଜ୍ୟାନଣା ।
କିନ୍ତୁ ତୁମକୁ ଶୁଭେନି
ମେଘର ଆଖିରେ
ଦେଖୁନ, କେମିତି ଦୁଷ୍ଟାମୀର ହସ
ସ୍ମୃତିର ଅବିରରେ
ଗୋଟାପଣେ ଲୁଡୁବୁଡୁ
ତମ ବିଭୋର ଆଶ୍ଳେଷ ପରା
ମତେ ଶିଖେଇ ଦେଇଛି
ଖଣ୍ଡାର ମିଆନ୍‌ରୁ
ଯେତେ ରକ୍ତପାତ
ନିଗିଡି ପଡିଲେ ବି
ଲୁହ ଟୋପାର
ଅସରନ୍ତି ଅମାନିଆ
ଆତୁର ପଣକୁ
ଅତିକ୍ରମ କରିପାରିବନି
କି ସେ ବିପର୍ଯ୍ୟସ୍ତ ଗୁମାନକୁ
ତରଳାଇ ପାରିବନି ।



## ତୃଷ୍ଣା

ତମକୁ ଭୁଲିବାକୁ
ଅନବରତ ଚେଷ୍ଟା କରୁଛି ।
କାହିଁକି ତମକୁ
ଏତେ ଭଲ ପାଇଲି,
ଜୀବନକୁ ମୂର୍ଚ୍ଛିଦେଲି
ଯେତେ ପଚାରିବି ବୋଲି ଭାବୁଛି
ସେତିକି ସେତିକି
ଶୋଷହୀନ ଶୋଷରେ
ଜଳୁଛି,
ଆଖିର ପଲକରେ
ତମକୁ ମୋ ନିଜଠାରୁ
ଚୋରେଇ ନେଇ
କଟାକ୍ଷର ମୃଦୁ ଆଘାତରୁ
ବଞ୍ଚାଇବାକୁ
କେତେ ନା କେତେ
ଯତ୍ନ କରୁଛି ଯେ
ହେଲେ କାଇଁ କେଉଁଠି
ଟିକେହେଲେ
କଣିକାଏ ସ୍ନେହର
ମୁଗ୍ଧ ଅନୁଭବଟିଏ

ହାତ ହୋଇ ମୋ
କାକୁସ୍ଥ ଅବବୋଧକୁ
ଆଉଁଷି ଦେଉନି ।

ସତରେ ତମକୁ ଭୁଲିବା ଭାରି କଷ୍ଟ....

ପରସ୍ତ ପରସ୍ତ ମୋହରେ
ତମେ ତ ମୋର
ଇଷିକାର ଅସ୍ତିତ୍ୱକୁ
ମଗ୍ନ ମଧୁରତାରେ ଲେସି ଦେଇଛ,
ତମ ଆକୁଳ ଆଲିଙ୍ଗନର
ସମର୍ପଣ ସ୍ୱପ୍ନର ବାସ୍ନାରେ ତ
ମତେ ଏମିତି
ଛଳ ଛଳେଇ ଦେଇଛ ଯେ
ମୁଁ କେତେବେଳେ ପାଲଟୁଛି
ଲୁହର ମୁହାଣ
ତ
କେତେବେଳେ ପାଲଟୁଛି
ଆଷାଢ଼ ଆଷାଢ଼ ବିଜୁଳିର ବୋକ...

# ସ୍ୱପ୍ନମଖା ମନ

ତମର ଘୁମନ୍ତ ଘୁମନ୍ତ
ଆଖିର ସ୍ୱପ୍ନମଖା ବୋଇତରେ
ମୋ ନିରୀହ ପ୍ରାଣମୟ
ମନକୁ ଭସେଇ ଦେଇଛି
ଭାବୁଥିଲି ଆହୁରି ଆହୁରି
ମୋ ଅମାନିଆ
ସ୍ନେହର ଆଙ୍ଗୁଠିରେ
ମହୁଲି ମନକୁ ତମର
ମହମହ କରୁଥାନ୍ତି
ପୂରିଲା ପୂରିଲା ମୁହଁରେ
ତମର ଫୁଲେଇ ଗେଲେଇ
ଖିଲ୍ ଖିଲ୍ ହସ
ମତେ ବାରମ୍ବାର କରେ ଉତ୍ତାଳ ଅସ୍ଥିର
ତମେ ପୁଣି
କେତେବେଳେ
ମହାଶୂନ୍ୟର ମନ୍ମୟୀ ହୋଇ
ମୋ ଅସ୍ତିତ୍ୱ ଆଲୋକର
ମୋହରେ ମନ୍ତ୍ରମୁଗ୍ଧ ହେଲଣି ତ
ପୁଣି କେଉଁ କାପାଳିକର
ରୁଦ୍ର ସାଧନାର



ଯୋଗିନୀ ରସକିନୀ ପାଲଟିଲଣି ।
ଯେତେ ତୁମ
ମନ୍ତ୍ରର ମାନ୍ତ୍ରିକତାରେ
ଶୁଦ୍ଧପୂତ ଶୁଚିସ୍ନାତ ହେଉଛି
ସେତିକି ସେତିକି
ସେ ଅରୁଣାଭ ପାଟଳିମା ଭିତରୁ
ମହୁଫେଣାର ମହ୍ଲାରରେ ମଥିତ ହେଉଛି ।
ତମେ କ'ଣ ମୋର ଏ ଆର୍ତ୍ତି
ଏ ମୋହ ମରଣର ଆବେଗକୁ
ବୁଝିବାକୁ ହାତ ବଢ଼ାଉଛ ?
କ'ଣ କରିବି କୁହ,
ତମ ସ୍ୱପ୍ନ ଜରଜର ବୋଇତରେ ତ
କେତେବାର
ମରଣ ମରଣ ମୁହଁରୁ
ଫାଟି ଫୁଟି ଫିଟି ଆସିଲେ ବି
ନିଜକୁ ସାଉଁଟି ଏକାକାର କରିପାରୁନି !
ତମେ ମତେ ଫିଙ୍ଗିଦିଅ
କି ଫାଳଫାଳ ଚିରିଦିଅ
ତମ ମହିମ୍ନ ସାନ୍ନିଧ୍ୟର
ମହାସୁଖର ମୂର୍ଚ୍ଛନାରେ
ଭିଜୁଥିବି ...... ଜଳୁଥିବି
ଜଳୁଥିବି..... ଭିଜୁଥିବି ।




# ଚିତ୍ରିତ ପଣତ

ସମସ୍ତ ଆବେଗ ଅଭିମାନକୁ
ମୁହୂର୍ତ୍ତକର ଆଞ୍ଜୁଳି ଭିତରେ
ହରାଇଦେବାର କୋହରେ
ମୁଁ ଛେଚିକୁଟି ମଛି
ଏକାକାର ହେଉଛି,
ହେଲେ ତମର ସେ ଥମ୍ ଥମ୍ ଛମ୍ ଛମ୍
ମୁହଁ, ଚାଲିରେ କିଛି ହେଲେ
ପରିବର୍ତ୍ତନ ହେଉନି ।
ତମେ ସେ ପ୍ରାଚୀନ ଶିଳାଲିପି
ଭଳି, ପଥର ପୁଣି ଅଥର୍ବ ପରି
ପଡ଼ିରହିଛ ଯେ ରହିଛ
କେତେକାଳ, ସମୟ, ଅର୍ବୁଦ,
ଏ ଭିତରେ ବୋହିଗଲାଣି ।
ତମେ ଜାଣିନ
ତମ ପିଠି ଉପରେ
କୁନି ପ୍ରଜାପତିଟିଏ
କୁନି କୁନି ସ୍ୱପ୍ନର
ଡ଼େଣା ଝାଡ଼ିବା
ଏଇମାତ୍ର ଶିଖୁଛି
ତା'ର ଚିତ୍ରିତ ଦେହକୁ

ପବନର ଛୁଆଁ
ଆଲୁଳାୟିତ କରିଦେଉଛି,
ହେଲେ କାହିଁ କେଉଁଠି
ତମର ଟିକେ ହୁଁ କି ଚୁଁ ଶୁଭୁନି
ଏ କଅଁଳ ପାଖୁଡ଼ାର
କେରି କେରି ଝର ଝର ପଣ
ଏକାକୀ ଅଦେଖା' ଜହ୍ନର
କି ମେଘର ଅଝଟିଆ ଗୁମାନ
ତମ ଉପରେ ବାରବାର
ଅଜାଡ଼ି ହୋଇ ପଡୁଥିଲେ ବି
ହଜିଯାଇଥିବା ତମ ପଥର ହୃଦୟର
ସାତତାଳ ପଙ୍କରେ
ଲୁଚିଯାଇଥିବା ଭଲପାଇବାର
ସୁନାର ମୋହକୁ
ମୁକୁଳେଇ ପାରୁନି ।
ଆହା ! କେହିହେଲେ
ଯୁଗଜନ୍ମା ଶିଳ୍ପୀଟିଏ
ଜନ୍ମ ନିଅନ୍ତା କି
ଏ ପଥର ନିର୍ବେଦ ଅଚଳ ମୁଣ୍ଡାଟା ଭିତରୁ
ତା' ଅପୂର୍ବ ଚିତ୍ରକରା
ସ୍ୱପ୍ନମୟୀ ତୂଳୀରୁ
ପୁଣି ଥରେ ତମକୁ ଉଠାଇ ଦିଅନ୍ତା...

ପୁଣି ଥରେ ତମ
ନିର୍ବାକ୍ କଣ୍ଠରେ
କବିତାର ପଂକ୍ତି ଅଜାଡ଼ି ଦିଅନ୍ତା,
ତମକୁ କରିଦିଅନ୍ତା
ମହମର ମହମହ ବାସୁଥିବା
ଗୁଲୁଗୁଲିଆ କଥାକୁହା କୁନି ପୁଅଟିଏ ।
ସେତିକିବେଳେ ହେଲେ
ଉଛୁଳୁଥିବା ମୋ
ଆବେଗର ଝଲମଲ ପଣତରେ
ମୁଁ ତମକୁ ଏମିତି
ଘୋଡ଼ାଇ ପକାନ୍ତି ଯେ
ଆଉ କାହାର ସର୍ବଗ୍ରାସୀ ଈର୍ଷାର
ନିଆଁର ଧାସ
ତମକୁ ଛୁଇଁ ବି ପାରନ୍ତା ନାହିଁ...



# ତମେ ରାଜି ତ !

କାଇଁ କେଉଁଠି
କିଛି ହେଲେ ହେଉନି ତ
ସବୁଆଡ଼ ଚୁପ୍‌ଚାପ୍
ଗୁମ୍‌ସୁମ୍.... କୁଲ୍....କୁଲ୍ ।
ନହେଲା ନାଇଁ
ତମେ ସେ ଥମ୍‌ଥମ୍ ପଣରୁ
ଉତୁରି ଆସିବାକୁ ଚାହୁଁନ ।
ହଉ ହେଲା,
ପ୍ରାଣମୟ କୋଷରୁ
ସୂକ୍ଷ୍ମାତିସୂକ୍ଷ୍ମ ଚେତନାଟିଏ
ହୋଇ ଶୂନ୍ୟରେ
ଖେଳାଇ ଯିବାକୁ ଚାହୁଁଛ ତ !
ଠିକ୍ ଅଛି !
ତମକଥା ହିଁ ହେଉ,
ସେଇ ଧୂସର ଧୂସର ଧୂଳି ଧୂଆଁରୁ
ନିରୀହ ନିଷ୍ପାପ ଲୁହ ଟୋପାକ
ଯେମିତି ଇଡ଼ି ହୋଇ ଯିବନି
ଶୋକାର୍ତ୍ତ ସ୍ପର୍ଶାତୁରତାର
ଥରଥର କମ୍ପନରେ
ଯେମିତି ଜରିଯିବ

ଦିଗ୍‌ବିଦିଗ୍ ନଭ ମଣ୍ଡଳ ।
ଅନୁଚ୍ଚାରିତ ସମସ୍ତ
ଅପ୍ରାପ୍ତିଜନିତ ଶୋଷକୁ
ଅଭିବ୍ୟକ୍ତିରେ
ରୂପାନ୍ତରିତ କରିଦେବ ।
ତମେ ରାଜି ତ !
ସେଇ ମହ ମହ ମିଥୁନଲଗ୍ନର
କେରି କେରି ପ୍ରବଣତାରେ
ଝୁମି ଝୁମି ଶୃଙ୍ଗାରରେ
ଚୁମି ଚୁମି ସ୍ୱପ୍ନରେ
ଆରଣ୍ୟକ ଶୋଷ
ମେଣ୍ଟାଇବ ।

ଦିଗ୍‌ବିଦିଗ୍ ନଭ ମଣ୍ଡଳ ।
ଅନୁଚ୍ଚାରିତ ସମସ୍ତ
ଅପ୍ରାପ୍ତିଜନିତ ଶୋଷକୁ
ଅଭିବ୍ୟକ୍ତିରେ
ରୂପାନ୍ତରିତ କରିଦେବ ।
ତମେ ରାଜି ତ !
ସେଇ ମହ ମହ ମିଥୁନଲଗ୍ନର
କେରି କେରି ପ୍ରବଣତାରେ
ଝୁମି ଝୁମି ଶୃଙ୍ଗାରରେ
ଚୁମି ଚୁମି ସ୍ୱପ୍ନରେ
ଆରଣ୍ୟକ ଶୋଷ
ମେଣ୍ଟାଇବ ।


## କସ୍ତୁରୀ

ଏତେ ଦିନପରେ
ଆଜି ଭାରି ମନହୁଏ
ତମକୁ କାକର ଧୁଆ
ଶୀତୁଆ ସକାଳରେ
କୁହୁଡ଼ିର ଥମ୍ ଥମ୍
ଅବୁଝା ପଣରୁ
ଝାପ୍‌ସା ଝାପ୍‌ସା
ନିଦର କୋଳରୁ
ଉଠେଇ ନିଅନ୍ତି କି ?
ପଲ୍ଲବନ ଉଦ୍ଘାଟନର
ନିଧୁବନରୁ ତମକୁ
ହେଲେ ମୁକୁଳାଇ ଆଣନ୍ତି କି ?
କିନ୍ତୁ ଏଠି ମରଣ ମରଣର
ତୀବ୍ରତମ ଶୋକରେ
ତମେ ଜର୍ଜରିତ ମଥିତ ଶବ୍ଦେଶ୍ୱରୀ !
ହେ ଆକାଶରୁ ଓହ୍ଲାଉଥିବା
ଅନ୍ତରିକ୍ଷେଶ୍ୱରୀ !
କେମିତି ତମେ
ସ୍ୱପ୍ନର ଉଡାଜାହାଜରେ
ଉଡିଯାଉଛ ଯୋଜନ ଯୋଜନ ।
ତମକୁ ଟିକେ ଛୁଇଁବାକୁ
ଆହା ମୁଁ କେତେ
ନିଷ୍ଫଳ ନିଷ୍ପତ୍ତି ନେଉଛି ଯେ
ସ୍ୱପ୍ନର ତୂଳୀକାରେ
ଗାରଟିଏ ହେଲେ ଟାଣିପାରୁନି ।

ତମେ ତ ନିରବଧି
ବହମାନ ପ୍ଲାବନି ଜ୍ୟୋତ୍ସ୍ନା !
ତମେ ପୁଣି ଅତିକ୍ରାନ୍ତ
ସମୟର ମୃତ୍ୟୁଷ୍ମତି ତାରା !
ତମ ଚୁମ୍ବନ, ତମ ଦଂଶନ
ତମ ନିବିଡ଼ ବନ୍ଧନର ଭୋକ
ତମ ଛଳଛଳ ସ୍ନେହ ଆଶ୍ୱାସନା
ମତେ ଅକାତକାତ ପ୍ରତ୍ୟୟର
ଗଭୀରତାକୁ
ଭିଡ଼ି ନେଉଥିଲେ ବି
ତମ ସ୍ମୃତିର ନିଖାରିଲା ପଣ
ମତେ ଭୂମି, ଭୂମା, ନୀହାରିକା
ଭିତରୁ ବି
ଜୀବନ୍ମୟୀ ଆଶାରେ ବଞ୍ଚାଏ, ପିଆଏ
ସୁଅ ମୁହଁରୁ ଓଟାରି ଆଣେ
ମୁକୁଳିତ ମୋର ଉନ୍ମୁଖ ଆତ୍ମାକୁ
ସେଥିପାଇଁ ତ
ତମପାଇଁ ଫୁଟିଲା ଫୁଟିଲା
ଫୁଲର ପାଖୁଡ଼ାରେ
ସ୍ନେହର କାକରଭିଜା କାଳିରେ
ଲେଖିଦେବି ଚେତନାର
ମାହେଶ୍ୱରୀ ! ପ୍ରୀତିର ପରମେଶ୍ୱରୀ
କବିତାର ରାଶି ରାଶି ସ୍ତୋତ୍ର
ଗୁଣୁଗୁଣୁ ପଂକ୍ତିରେ
ଆହୁରି ଉଚ୍ଛ୍ୱସିତ କରୁଥିବି
ତମ କସ୍ତୁରୀ ମୃଗନାଭି ଓଠ ।


# ଡର

ଶୂନ୍‌ଶାନ ନିଛାଟିଆ
ଅନ୍ଧାର ରାତିରେ
ପିଲାଦିନେ ସିନା
କୋକବିନା କାନ କାଟିଦେବ
ବୋଲି ଡରୁଥିଲ,
ଏବେ କାହାକୁ
ଏତେ ଡରୁଚ କହିଲ ?
ଚାକିରୀ ଯିବାର ଡର
ପତ୍ନୀ ପାଇଁ ପାଟଶାଢ଼ୀ
କି ଗହଣା ଖଣ୍ଡେ
କରିପାରିଲନି
ତା'ର ଛିଞ୍ଚଡ଼ା କଥାକୁ ଡ଼ର ?
ପୁଅଝିଅଙ୍କୁ କନ୍‌ଭେଣ୍ଟ୍‌ରେ
ଇଂରାଜି ମିଡ଼ିୟମ୍‌ରେ
ପଢ଼ାଇପାରିଲନି ବୋଲି
ପିଲାଙ୍କର ଅବଜ୍ଞା ଅମାନିଆ
ଚାହାଣୀରେ
ତମେ ଦିନକୁ ଦିନ
ଆହୁରି କାକୁସ୍ଥ, ସଂତ୍ରସ୍ତ ।
କିରାଣୀ ଚାକିରୀ
ଉପୁରି ଅଧିକ
ଦରମା କମ୍,
ଦାୟିତ୍ୱର ନଖରାମି
ଅଫିସ୍ ଟାଇମ୍‌ରେ
ପାନଖିଆ ଚା'ଖିଆରେ
ଘେରାଏ ବୁଲି ଆସିଲେ ଯାଏ ।
ପିଅନ୍ ସେବତୀକୁ ବୁଝାଇ ଦେଇଛ
'ବ୍ୟାବୁ ଆସିବେ
ଏଇପରା ତଳକୁ ଯାଇଛନ୍ତି
ଚଷମା, ହେଲ୍‌ମେଟ୍, ଛତା
ସବୁ ସଜା ହୋଇ ଟେବୁଲ୍
ପାଖରେ ଅଛି ।'
ଯେତେ ହାତଗୁଞ୍ଜା ମିଳୁଛି
ସେବତୀର ଭାଗ ସେଥିରେ ଅଛି ।
ହେଲେ କ'ଣ ହେବ
ତମେ କିନ୍ତୁ ତମ ଛାଇକୁ



# ତମେ ଆସୁଚ ବୋଲି

ବି ଆଜିକାଲି ଡରୁଚ ।
ତହସିଲ ଅଫିସ୍‌ର
ବଡ଼ବାବୁ ରେସିଡେନ୍ସ୍‌
ସାର୍ଟିଫିକେଟ୍ କରାଇବା ପାଇଁ
ଭିଜିଲାନ୍ସ ହାତରେ ଟଙ୍କା ସହ
ଧରାପଡ଼ି ଜେଲ୍ ଗଲାଦିନୁ
ତମେ କୁଆଡ଼େ
ଭାରି ଡ଼ରୁଚ ।
ତମର କମାପଲ୍ଲୀରେ ଘରଟେ
ଅଛି ବୋଲି
କେଉଁ ମିଛୁଆ ଖବୁଆ
ଭିଜଲାନ୍ସରେ ଜଣେଇଛି କେଜାଣି ।
କାହାର ପାଟି ବନ୍ଦ କରିବ ?
ହେଲେ ତମେ ଯେ
ଗାଆଁ ସ୍କୁଲ୍‌ରେ
ପାଠ ପଢ଼ିଲା ବେଳେ
ସବୁଠୁଁ ବେଶି ବୁଦ୍ଧିଆ ବଲୁଆ ଥିଲ,
ପଣିକିଆ, ଗଣିତ, ସାହିତ୍ୟ, ଭୂଗୋଳ ତମର ମୁଖସ୍ଥ ।
ସ୍କୁଲ୍ ମନିଟର ତମେ
ଡ୍ରିଲ୍‌ରେ ପ୍ରଥମ
ଗପଲେଖାରେ ଧୁରନ୍ଧର
ପ୍ରାର୍ଥନା ଗୀତସବୁ ତମର କଣ୍ଠସ୍ଥ
ଏକୁଟିଆ ଗାଁ ଗୋହିରିରେ
ଯାଉଥିଲା ବେଳେ
ତମେ ତ ଟିକେହେଲେ ଡରୁନଥିଲ
ଦିଦିଙ୍କ ବୋଲ ମାନି
ସବୁବେଳେ 'କହିବ ସତ'
କଥାକୁ ଗଣ୍ଠି କରିଥିଲ ।
ମୋ ସାହିତ୍ୟ ଖାତାରେ
ତମେ ଲେଖିଥିବା
'ଭଗତସିଂହ' ଗୀତ
ମନେପଡ଼େ ଆଜି ଯାଏଁ ।
ତମେ କେମିତି ଏସବୁ
ଭୁଲିଗଲ,
ଏତେ ଜଲ୍‌ଦି
ଡରୁଆ ପାଲଟିଗଲ
କଇଁଚ ଖୋଳପାରେ
ପଶିଗଲ ?



## ତନ୍ଦ୍ରା

ନିଦ ମଳମଳ
ଆଖି ଖୋଲି
ଦେଖିଲା ବେଳକୁ
ତମେ
ବସ୍ତିର ଯେତେ ମସିଆ ଅସନା
ପିଲାମାନଙ୍କୁ ନେଇ
କ୍ରିକେଟ ଖେଳୁଛ ।
ଭାରି ଖୁସିରେ ତମେ
'ଛକା....ଚୌକା'
ବୋଲି ପାଟି କରୁଚ ।
କେଡ଼େ ଗାଦୁଲୁ ଗାଦୁଲୁ
କୁନି ପିଲାଟେ ତମେ ହୋଇଯାଇଛ ।
'ଖେଳିବାକୁ ଯାଅନା
ପାଠପଢ଼'... ଯେତେ ଆକଟ ମାକଟ
ସବୁକୁ, କେଡ଼େ
ଛଟକରେ ତମେ
ଫିଙ୍ଗି ଦେଇ ପଳାଇଲ,
ପୁଣି ଅନ୍ଧାରରେ
ଶେଯର କୋଳରେ
କେଡ଼େ ଜୋର୍‌ରେ
ତମ ଆଲିଙ୍ଗନକୁ
ଶକ୍ତକର ଯେ
ମନେହୁଏ ଭାଙ୍ଗିଯିବ

ଚୂର୍‌ଚୂର୍ ହୋଇଯିବ
ମୋର ରକ୍ତମାଂସ ହାଡ଼ ।
ଏତେ ବଳ, ଉଚ୍ଛ୍ୱାସ ତମର
କେଉଁଠି ଲୁଚିଥାଏ କେଜାଣି
ତମ ଆଙ୍ଗୁଠିର ଭୋକ
କିଛି ମାନେନି,
କିଛି ଶୁଣେନି
ଆହୁରି ଆହୁରି
ମୋ ଅଙ୍ଗୀକାର
ପୁଲକର
ଆବିଷ୍ଟ ଆଦିମ ଆବେଗକୁ
କରୁଥାଏ ବାରମ୍ବାର
ଅଥୟ ଆକୁଳ ।
ତମ ନିଃସର୍ତ୍ତ ଆକୁଳାଣ
ମାତାଲ୍ ପଣରୁ
ମୋ ଦେହ ପାଲଟୁ ଥାଏ
ଅବର୍ଣ୍ଣନୀୟ ଜହ୍ନ ଆଲୁଅର
ରହସ୍ୟମୟୀ ସୁଡ଼ଙ୍ଗ ।
ମୁଁ ନଥାଏ ସେଠି
ମୋର ହାତ ପାଦ ପାଟି ଓଠ
ନାସା କି ସ୍ତନ
ଶୋଷ ଭୋକ
ମେଘ ସ୍ୱପ୍ନ
ଗୁଣୁଗୁଣାଉ ଥାଏ
ଅସରନ୍ତି ପ୍ରାପ୍ତିର ଐଶ୍ୱର୍ଯ୍ୟ...



ସମକାଳୀନ ଓଡ଼ିଆ ସାହିତ୍ୟର ପ୍ରଚଣ୍ଡ ପ୍ରଭାବଶାଳିନୀ ପ୍ରତିଭା ଡକ୍ଟର ବିଧୁପ୍ରଭା ରଥ କବିତା ସର୍ଜନାରେ ଯେପରି ସ୍ରୋତସ୍ୱିନୀ ନଈଟିଏ, ପ୍ରଜ୍ଞା-ପ୍ରତିଭା ଓ ପ୍ରଗଲ୍‌ଭତାରେ ସେପରି ପରିପୂର୍ଣ୍ଣ କଥା-ଗଦ୍ୟଶିଳ୍ପୀ । ଗତ ବିଂଶଶତକର ଅଷ୍ଟମ-ନବମ ଦଶନ୍ଧିର ଛାତ୍ରୀ ଜୀବନରେ ବ୍ରହ୍ମପୁର ଖଲ୍ଲିକୋଟ ମହାବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଯେପରି ଏକାଧିକ ସ୍ୱର୍ଣ୍ଣପଦକର ବିଜୟିନୀ ଥିଲେ, ପରବର୍ତ୍ତୀ କାଳରେ ସେ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ଜଣେ ପ୍ରଜ୍ଞାପୂର୍ଣ୍ଣ ଗବେଷିକା ଭାବେ ନିଜ ସାଧନା ଓ ସିଦ୍ଧି ପ୍ରମାଣିତ କରିଛନ୍ତି । ଚଉଠ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳବ୍ୟାପୀ ସାରସ୍ୱତ ସାଧନା ମଧ୍ୟରେ ତାଙ୍କର ରଚିତ ପୁସ୍ତକ ଗୁଡ଼ିକ ଭିତରୁ 'ଠାକୁର ଅଭିରାମ ପରମହଂସ: ଜୀବନୀ, ସାହିତ୍ୟ ଓ ଦର୍ଶନ', 'ସୀତାକାନ୍ତ ମହାପାତ୍ରଙ୍କ କାବ୍ୟ ମାନସ: ମିଥ୍', 'ପ୍ରେମ ଓ ପ୍ରତୀକ୍ଷା', 'ମିଛ ମଣିଷର ଅସ୍ମିତା', 'ହୃଦୟଭିକ୍ଷା', 'ପ୍ରେମରୁ ସମାଧି', 'ସିଦ୍ଧାନ୍ତ କେବଳ ତୁମର' (ଲଳିତ ନିବନ୍ଧ ଓ ସମାଲୋଚନା) 'ଲାବଣ୍ୟବତୀର ସୌନ୍ଦର୍ଯ୍ୟତାତ୍ତ୍ୱିକ ଅନୁଶୀଳନ (ଗବେଷଣା ନିବନ୍ଧ) ଉପନ୍ୟାସ ମଧ୍ୟରେ 'ଶୁଣ ଫାଲ୍‌ଗୁନୀ', 'ମହାନାୟକ', 'କାଳଦର୍ଶୀ', 'ମେଘାୟରୀ', 'ସୁଲଗ୍ନା', 'ରକ୍ତରଂଜିତ ନାୟକ: ଭଗତ ସିଂ' ଏବଂ ଏକମାତ୍ର ସ୍ୱରଚିତ ଓଡ଼ିଆ କବିତା ସଂକଳନ 'ହଂସଧ୍ୱନି' ଏବଂ ତାହାର ଇଂରାଜୀ ସଂସ୍କରଣ SWANSONG (ପ୍ରକାଶକ: ଇନ୍ଦ୍ରପ୍ରସ୍ଥ ପ୍ରକାଶନ, ଲକ୍ଷ୍ମୀନଗର, ଦିଲ୍ଲୀ) ଆଦି ପୁସ୍ତକ ନିମନ୍ତେ ଅଜସ୍ର ପାଠକୀୟ ଶ୍ରଦ୍ଧା ଯେ, ସେ ଅର୍ଜନ କରିଛନ୍ତି ସେତିକି ନୁହେଁ, ଓଡ଼ିଶାର ବୁଦ୍ଧିଜୀବୀ ପାଠକ ଓ ସମାଲୋଚକ ମାନସରେ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ ହୋଇପାରିଛନ୍ତି । ଡକ୍ଟର ବିଧୁପ୍ରଭା ବ୍ରହ୍ମପୁର 'କଳିଙ୍ଗ ସାହିତ୍ୟ ସମାଜ' ପକ୍ଷରୁ 'କଥାକାର ସୁପ୍ରୀତିଦେବୀ ଗନ୍ତାୟତ ସ୍ମାରକୀ ସମ୍ମାନ', କଟକର 'ପ୍ରଜାତନ୍ତ୍ର ପ୍ରଚାର ସମିତି'ର ବିଷୁବ 'ରାଜୀବ ସ୍ମାରକୀ ସମ୍ମାନ', ବ୍ରହ୍ମପୁରର 'କସ୍ତୁରୀ ସମ୍ମାନ', ଧର୍ମଶାଳାର 'ଗୋକର୍ଣ୍ଣିକା ପୁରସ୍କାର' ଓ ରାଜଧାନୀ ଭୁବନେଶ୍ୱରର 'ଚଲାପଥ ପୁରସ୍କାର', 'ଉପେନ୍ଦ୍ରଭଞ୍ଜ ଫାଉଣ୍ଡେସନ୍ ସମ୍ମାନ', 'କର୍ମଶ୍ରୀ କଥାଶିଳ୍ପୀ ସମ୍ମାନ', ଗଞ୍ଜାମ ଜିଲ୍ଲା ପୁସ୍ତକମେଳା ପକ୍ଷରୁ ପ୍ରବର୍ତ୍ତିତ 'ବିଜୟିନୀ ପୁରସ୍କାର' ସମେତ ବହୁ ପୁରସ୍କାର ତଥା ସମ୍ମାନର ଅଧିକାରିଣୀ । ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ନିୟନ୍ତ୍ରଣରେ ଥିବା ଓଡ଼ିଶା ସାହିତ୍ୟ ଅକାଦେମୀର ସଦସ୍ୟା ଭାବେ ଡକ୍ଟର ବିଧୁପ୍ରଭା ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ହୋଇ ପରବର୍ତ୍ତୀ କାଳରେ କାର୍ଯ୍ୟକାରିଣୀ ସଦସ୍ୟା ଭାବରେ ସାଧାରଣ ପରିଷଦର ବରେଣ୍ୟ ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ । ତିନିବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ଯେତେ ସବୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ, ସେଥିମଧ୍ୟରେ ସମଗ୍ର ଓଡ଼ିଶାର ଓ ଓଡ଼ିଶା ବାହାରେ ଥିବା ଓଡ଼ିଆ ଲେଖକ ଓ ଲେଖିକାମାନଙ୍କ ତାଲିକା ପ୍ରସ୍ତୁତି ଓ 'ଲେଖକ ପରିଚୟ' ଗ୍ରନ୍ଥ ପ୍ରକାଶନ ଅନ୍ୟତମ । ସେ 'ଓଡ଼ିଶା ଲେଖିକା ସଂସଦ'ର ମଧ୍ୟ ପ୍ରତିଷ୍ଠାତା ସଦସ୍ୟା ।